ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର, ଓଡିଶା

ଘୁ. ଉଦୟଗିରି, ଓଡିଶା: ୦୬.୦୧.୨୦୨୬ (ଆସନ୍ତା ପାଞ୍ଚ ଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

Dr. ଦେବେନ୍ଦ୍ର କୁମାର ଦେବତା (I/C)
Sr.Scientist Plant Pathology

ସପ୍ତାହ ସଂଖ୍ୟା- ୦୧
ତାରିଖ- ୦୬.୦୧.୨୦୨୬

ବୁଲେଟିନନଂ. ୦୨

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ
ପାଣିପାଗ ପୂର୍ବାନୁମାନ (୧୧. ୦୧.୨୦୨୬) ପର୍ଯ୍ୟନ୍ତ

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ ଆସନ୍ତା ଚାରି ଦିନ ମଧ୍ୟରେ ପାଗ ଶୁଖିଲା ରହିବାର ସମ୍ଭାବନା ଅଛି ଏବଂ ଏହା ସହ ଆକାଶ ସଫା ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ଅଛି।ପବନର ଘଣ୍ଟା ପ୍ରତି ବେଗ ୦୧-୦୩ କିଲୋମିଟର ପ୍ରତି ଘଣ୍ଟା ରହିପାରେ।ସର୍ବୋଚ୍ଚ ତାପମାତ୍ରା ଯଥାକ୍ରମେ ୨୫-୨୬ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି ଏବଂ ସର୍ବନିମ୍ନ ତାପମାତ୍ରା ୦୮-୦୯ ଡିଗ୍ରୀ ସେଲସିୟସ ରହିବ।ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୫୨-୭୧ % ଏବଂ ୧୮-୨୦ % ମଧ୍ୟରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା (ମିମି) | ସର୍ବାଧିକ ତାପମାତ୍ରା(°ସେଲସିୟସ( | ସର୍ବନିମ୍ନ ତାପମାତ୍ରା )°ସେଲସିୟସ( | ମେଘାଚ୍ଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ( | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ( | ପବନର ବେଗ ଘଣ୍ଟା ପ୍ରତି (କିମି) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୦୭.୦୧.୨୦୨୬ | ୦ | ୨୫ | ୮ | ୦ | ୭୧ | ୧୯ | ୧ | ୩୨୬ |
| | ୦୮.୦୧.୨୦୨୫ | ୦ | ୨୫ | ୯ | ୧ | ୬୨ | ୧୮ | ୧ | ୧୫୪ |
| | ୦୯.୦୧.୨୦୨୬ | ୦ | ୨୫ | ୮ | ୩ | ୬୯ | ୧୯ | ୩ | ୧୩୫ |
| | ୧୦.୦୧.୨୦୨୬ | ୦ | ୨୫ | ୯ | ୪ | ୫୨ | ୧୯ | ୧ | ୯୦ |
| | ୧୧.୦୧.୨୦୨୬ | ୦ | ୨୬ | ୯ | ୩ | ୫୨ | ୨୦ | ୨ | ୨୭ |

## ସାଧାରଣଉପଦେଶାବଳୀ

- ପ୍ରାଥମିକ ଅବସ୍ଥାରେ ମୁଗରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ନିମ ତେଲ, ନିମ ପିଡିଆ, ନିମ ମଞ୍ଜି କୁ ପ୍ରତି ୨୦-୨୫ ଦିନରେ @୧୦୦ଏମଏଲ/୧୫ ଲିଟର ପାଣିରେ ମିଶାଇ ପନିପରିବ କିମ୍ବା ଫୁଲ ଗଛରେ ପ୍ରୟୋଗ କରନ୍ତୁ। ଏହାଦ୍ଵାରା ବିଭିନ୍ନ ପ୍ରକାରର ରୋଗ ପୋକ ରୁ ମୁକ୍ତି ମିଳିଥାଏ।
- ପ୍ରାଥମିକ ଅବସ୍ଥାରେ ବାଇଗଣରେ ଗଣ୍ଡି ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ପ୍ରାଥମିକ ଅବସ୍ଥାରେ ଫୁଲକୋବିରେ ବୋରନ୍ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବା ରି ର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ ।
- କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ।
- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା କି ୨୦୦ ୱାଟ ବଲ୍ବ ଲଗାନ୍ତୁ ।
- ଧାନ କୁ ଅଧିକ ଦିନ ପାଇଁ ସରକ୍ଷଣ କରି ରଖିବା ପାଇଁ ସୁପର ଗ୍ରେନ ଅଖା ବ୍ୟବହାର କରନ୍ତୁ।

- ପନିପରିବା ଫସଲରେ ଶୋଷକ ପୋକ ଯଥା ଜଉପୋକ, ଉଙ୍କୁଣିଆ ପୋକ ଓ ଧଳା ମାଛି ରୁ ରକ୍ଷା ପାଇବା ପାଇଁ ଇମିଡାକ୍ଲୋପ୍ରିଡ କିମ୍ବା ଏସିଟାମିପ୍ରିଡ କୀଟନାଶକ ସିଂଚନ କରନ୍ତୁ।

**ଧାନ:**

- ଧାନ ଅମଳ ପରେ ଦିନକୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣରେ କିମ୍ବା କି ୨୦୦-ମାଇକ୍ରନ କଳା ପଲିଥିନ ଉପରେ ୨.୫ ସେମି ଉଚ୍ଚରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ ।ବିହନ ପାଇଁ ଧାନ ରଖିବାକୁ ଥିଲେ ଆର୍ଦ୍ରତା ଶତକଡା ୧୨ ଭାଗ ରଖନ୍ତୁ ।
- ଏକ ଟନ ସାଇତା ଶସ୍ୟରେ କିଟରୁ ରକ୍ଷା ପାଇବା ପାଇଁ ଆଲୁମିନିୟମ ଫସଫାଇଡ ଟାବଲେଟ ଗାତରେ ରଖି କାଦୁଅ ଲେପି ଦିଅନ୍ତୁ।
- ଧାନ ଫସଲରେ ମୁଶା ଦମନ ପାଇଁ ଆଲୁମିନିୟମ ଫସଫାଇଡ ଟାବଲେଟ ଗାତରେ ରଖି କାଦୁଅ ଲେପି ଦିଅନ୍ତୁ।

**ଚିନାବାଦାମ:**

- ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଲ ହୀୟଇଜଡିଲେ ଅମଳ କରି ୩ ରୁ ୪ ଟି ଟନ ଖରାରେ ଶୁଖାଇ ସାଇତି ରଖନ୍ତୁ।ନଦୀ ପଥ ଜମିରେ ହେକ୍ଟର ପ୍ରତି ବିହନ ୧୫୦ କିଗ୍ରା ଚିନାବାଦାମ ମଞ୍ଜି ସହ ରାଇଜୋବିୟମ ଜୀବାଣୁ କଲଚର ବ୍ୟବହାର କରନ୍ତୁ। ଧାଡି କୁ ଧାଡି ୨୫ ସେମି ଓ ଗଛ କୁ ଗଛ ୧୦ ସେମି ବ୍ୟବଧାନରେ ଲଗାନ୍ତୁ।ଦେବୀ, ଧରଣୀ, ତିଜି-୩୮, ଟିଏସଭି-୨, କଦରୀ-୬ ଦିବି କିସମ ବିହନ ବ୍ୟବହାର କରନ୍ତୁ।

**ଆଳୁ:**

- ଆଳୁ ଫସଲ ରେ କୋଡ଼ା ଖୁସା  କରି ଘାସ ବାଛି ଦିଅନ୍ତୁ ।ହୁଡା ଚଉଡା ଓ ମଜବୁତ ରଖନ୍ତୁ ।ମାଟିର କିସମ ଓ ବତର ଦେଖି ସିଆର ସି ରେ ପ୍ରତି ୭ ରୁ ୮ ଦିନଦି ବ୍ୟବଧାନ ରେ ଜଳସେଚନ କରନ୍ତୁ ।ସିଆର ସି ରେ ଜଳସେଚନକରିବା ରି ସମୟ ରେ ହୁଡା ର ୨/୩ ଅଂଶ ବୁଡିବା ଡି ପର୍ଯ୍ୟନ୍ତ ପାଣି ଦିଅଦିନ୍ତୁ ।

**ପ୍ରାଣି ପାଳନ :**

- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା କି ୨୦୦ ୱାଟ ବଲ୍ବ ଲଗାନ୍ତୁ ।
- ଶୀତ ଋତୁରେ ଗାଈ ଗୋରୁ ମାନଙ୍କୁ ପ୍ରତି ଦିନଦି ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ ।
- ଗୋରୁ ଙ୍କୁ ଫାଟୁଆ, ବଜବଜିଆ ଏବଂ ସାହାଣ ରୋଗ ପ୍ରତିଶଧକ ଟୀକା ଦିଅନ୍ତୁ।
- ଗୋରୁଙ୍କୁ ଗୋଳିଆ ପଣି ପିଇବାକୁ ଦିଅନ୍ତୁ ନହିଁ।ଗୋରୁଙ୍କୁ ପ୍ରତି ୩ ମାସ ଅନ୍ତରରେ କୃମିନାଶକ ଔଷଧ ଖୁଆନ୍ତୁ।

**ମାଛ ଚାଷ:**

ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ ।ଏହି ରୋଗମାନଙ୍କର  ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା  ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା  ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ ।ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ ।

For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).

ASSOCIATE DIRECTOR OF RESEARCH & NODAL OFFICER